# ବେଆଇନ୍ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ମାମଲା

କଟକ,୨ ୯।୬/ଏନ୍‌ଏନ୍‌ଏସ୍: କେନ୍ଦ୍ରାପଡ଼ା ଜିଲ୍ଲାରେ ହୋଇଥିବା ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିବାକୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆବେଦନକାରୀ ରବୀନ୍ଦ୍ର ଓଝା ଓ ଅନ୍ୟମାନଙ୍କ ପକ୍ଷରୁ ଆଇନଜୀବୀ ସରୋଜ ପାଢ଼ୀଙ୍କ ଜରିଆରେ ଏହି ମାମଲା ରୁଜୁ ହୋଇଛି। ରୁଜୁ ମାମଲାରେ ଦର୍ଶାଯାଇଛି ଯେ କେନ୍ଦ୍ରାପଡ଼ା ଜିଲ୍ଲାର ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳର ହରିବାଙ୍କ, ଖରିନାସୀ ଆଦି ଅଞ୍ଚଳରେ ବେଆଇନ ଭାବେ ଦଶ ଏକର ପରିମିତ ଅଞ୍ଚଳରେ ଚିଙ୍ଗୁଡ଼ି ଘେରି କରାଯାଇଛି। ଜିଲ୍ଲାପାଳଙ୍କ ଅନୁମତି ବିନା ବେଆଇନ ଭାବେ ଚିଙ୍ଗୁଡ଼ି ଘେରି ନିର୍ମାଣ କରାଯାଇଛି ବୋଲି ରୁଜୁ ମାମଲାରେ କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ ବେଆଇନ ଚିଙ୍ଗୁଡ଼ି ଘେରି କାରଣରୁ ଏହି ଅଞ୍ଚଳରେ କୃଷି କାର୍ଯ୍ୟ ପ୍ରଭାବିତ ହେଉଛି। ଲୁଣି ପାଣି ଯୋଗୁ ଏଠାରେ ଫସଲ ହେଉନଥିବାବେଳେ ଲୋକଙ୍କର ଜୀବନ ଉପରେ ମଧ୍ୟ କୁପ୍ରଭାବ ପକାଉଛି। ଏପରି ବେଆଇନ ଚିଙ୍ଗୁଡି ଉଚ୍ଛେଦ କରିବାକୁ ଆବେଦନକାରୀମାନେ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର ପ୍ରମୁଖଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିଲା। ଫଳରେ ଆବେଦନକାରୀମାନେ ବାଧ୍ୟହୋଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି।